**ଯେଉଁମାନେ ଆଜିର ଦିନରେ ହୋଟେଲ ବା ଫୁଡ୍ ଇଣ୍ଡଷ୍ଟ୍ରିରେ ନୂଆ ବିଜନେସ୍ ଆରମ୍ଭ କରିବାକୁ ଚାହୁଁଛନ୍ତି, ସେମାନଙ୍କୁ ଆପଣଙ୍କର ସବୁଠୁ ବଡ଼ ବିଜନେସ୍ ଆଡଭାଇସ୍ କଣ ହେବ?**

New entrepreneurs ପାଇଁ ମୋର advice -"Start with passion, sustain with patience, and grow with consistency." Shortcut ନାହିଁ, କିନ୍ତୁ right approach ଥିଲେ success ନିଶ୍ଚିତ।

Mobile to Automobile

# ଟେସଲାକୁ ଟକ୍କର, ମାର୍କେଟ୍‌ରେ ହଲଚଲ୍: ଭାରତ ଆସୁଛି BYDର ନୂଆ ଗେମ୍-ଚେଞ୍ଜର କାର୍



ଇଭି ଦୁନିଆର ବାଦଶାହ 'ଟେସଲା' କୁ ଏବେ ଗ୍ଲୋବାଲ୍ ମାର୍କେଟ୍‌ରେ ସିଧାସଳଖ ଚାଲେଞ୍ଜ କରୁଛି ଚୀନର ସୁପରବ୍ରାଣ୍ଡ 'BYD' (Build Your Dreams)।ନିଜର ଆଡଭାନ୍ସଡ୍ 'ବ୍ଲେଡ୍ ବ୍ୟାଟେରୀ' ଟେକ୍ନୋଲୋଜି ଏବଂ ପ୍ରିମିୟମ୍ ଲୁକ୍ ବଳରେ BYD ଏବେ ଅଟୋ-ଇଣ୍ଡଷ୍ଟ୍ରିରେ ନୂଆ ଟ୍ରେଣ୍ଡ ସେଟ୍ କରୁଛି। ଭାରତରେ ମଧ ଏହି ବ୍ରାଣ୍ଡ ତାର ଫ୍ୟୁଚରିଷ୍ଟିକ୍ ଗାଡ଼ିଗୁଡ଼ିକ ସହ ଗ୍ରାହକଙ୍କ ପ୍ରଥମ ପସନ୍ଦ ସାଜିଲାଣି। ବର୍ତ୍ତମାନ ଭାରତରେ BYDର ପ୍ରିମିୟମ୍ କଲେକ୍ସନ ମଧ୍ୟରେ ରହିଛି ସ୍ପୋର୍ଟି ସେଡାନ 'Seal' ଯାହାର ମୂଲ୍ୟ ପ୍ରାୟ ୪୧ ଲକ୍ଷରୁ ଆରମ୍ଭ, ଆକର୍ଷଣୀୟ ଏସୟୁଭି 'Atto 3' ଯାହାର ମୂଲ୍ୟ ପ୍ରାୟ ୨୫ ଲକ୍ଷ, ଲକ୍ଜୁରି ଫ୍ୟାମିଲି କାର୍ 'eMAX 7' ଏବଂ ସଦ୍ୟ ଲଞ୍ଚ ହୋଇଥିବା ଫ୍ଲାଗସିପ୍ ଏସୟୁଭି 'Sealion 7' ଯାହାର ମୂଲ୍ୟ ପ୍ରାୟ ୪୯.୪୦ ଲକ୍ଷ। ଉନ୍ନତ 'ବ୍ଲେଡ୍ ବ୍ୟାଟେରୀ' ଏବଂ କ୍ରୁଜ୍-କଣ୍ଟ୍ରୋଲ୍ ସିଷ୍ଟମ୍ ପରି ହାଇ-ଟେକ୍ ଫିଚର୍ସ ପାଇଁ ଦେଶରେ ଏହି ଗାଡ଼ିଗୁଡ଼ିକର ଚାହିଦା ବେଶ୍ ବଢ଼ିବାରେ ଲାଗିଛି।

ଏହି କ୍ରମରେ ଗ୍ରାହକଙ୍କ ମଧ୍ୟରେ ସବୁଠାରୁ ଅଧିକ ବଜ୍ ସୃଷ୍ଟି କରିଛି BYD ର ଆଗାମୀ କମ୍ପାକ୍ଟ ଏସୟୁଭି 'BYD Atto 2' ୟୁରୋପୀୟ ମାର୍କେଟରେ ଏହା BYD Yuan Up ନାମରେ ପରିଚିତ। ତେବେ ଭାରତୀୟ ମୋଟର-ପ୍ରେମୀଙ୍କ ମଧ୍ୟରେ ସବୁଠାରୁ ଅଧିକ କ୍ରେଜ୍ ଏବେ BYD ର ଆଗାମୀ କମ୍ପାକ୍ଟ ଏସୟୁଭି 'BYD Atto 2' (Yuan Up) କୁ ନେଇ ଦେଖିବାକୁ ମିଳୁଛି। ମଧ୍ୟବିତ୍ତ ତଥା ଟ୍ରେଣ୍ଡି ଗ୍ରାହକଙ୍କୁ ଆଖିରେ ରଖି ଏହାକୁ ଡିଜାଇନ୍ କରାଯାଇଛି, ଯାହା ଭାରତୀୟ ସଡ଼କରେ Creta EV ଏବଂ Tata Curvv EV କୁ ସିଧାସଳଖ ଚାଲେଞ୍ଜ କରିବ|ମଧ୍ୟବିତ୍ତ ଟ୍ରେଣ୍ଡି ଗ୍ରାହକଙ୍କ ବଜେଟ୍‌କୁ ଟାର୍ଗେଟ୍ କରି ତିଆରି ହୋଇଥିବା ଏହି କାର୍ ସିଧାସଳଖ Hyundai Creta EV ଏବଂ Tata Curvv EV ସହ ଫାଇଟ୍ କରିବ। ପ୍ରାୟ ୩୧୦ ରୁ ୪୨୦ କିଲୋମିଟରର ଶାନଦାର୍ ରେଞ୍ଜ୍ ଏବଂ ହାଇ-ଟେକ୍ ADAS ସୁରକ୍ଷା ଫିଚର୍ ସହ ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧୫ ରୁ ୧୮ ଲକ୍ଷ ମଧ୍ୟରେ ରହିବ ବୋଲି ଚର୍ଚ୍ଚା ହେଉଛି। ପ୍ରାୟ ୩୧୦ ରୁ ୪୨୦ କିଲୋମିଟରର ଦମଦାର୍ ରେଞ୍ଜ୍ ଏବଂ ଆଡଭାନ୍ସଡ୍ ADAS ସୁରକ୍ଷା ଫିଚର୍ ସହ ଆସୁଥିବା ଏହି କାର୍‌ର ଆନୁମାନିକ ଏକ୍ସ-ଶୋ'ରୁମ୍ ମୂଲ୍ୟ ପ୍ରାୟ ୧୭ ରୁ ୨୦ ଲକ୍ଷ ମଧ୍ୟରେ ରହିପାରେ। ସୋସିଆଲ ମିଡିଆ ଏବଂ ମୋଟର-ପ୍ରେମୀଙ୍କ ମଧ୍ୟରେ ଏହି ଗାଡ଼ିକୁ ନେଇ ଜବରଦସ୍ତ ଡିମାଣ୍ଡ ଦେଖିବାକୁ ମିଳୁଛି। ରିପୋର୍ଟ ଅନୁଯାୟୀ, ୨୦୨୬ ର ଶେଷ ଆଡ଼କୁ ବା ଡିସେମ୍ବର ମାସରେ ଏହି ଷ୍ଟାଇଲିସ୍ ଗାଡ଼ି ଭାରତୀୟ ବଜାରରେ ଅଫିସିଆଲି ଏଣ୍ଟ୍ରି କରିବାକୁ ଯାଉଛି।କମ୍ ପ୍ରାଇସ୍‌ରେ ଟେସଲା ଭଳି ଗ୍ଲୋବାଲ୍ ଫିଲ୍ ଏବଂ ଅଲଟ୍ରା-ମଡର୍ଣ୍ଣ ଲୁକ୍ ଯୋଗୁଁ 'Atto 2' ଆଗାମୀ ଦିନରେ ଭାରତୀୟ ଅଟୋ-ମାର୍କେଟ୍‌ରେ ସବୁଠାରୁ ବଡ଼ 'ଗେମ୍-ଚେଞ୍ଜର' ସାବ୍ୟସ୍ତ ହେବ।

# ଜୋତାରେ ଲାଗିଛି GPS ଗ୍ୟାଜେଟ୍ ଦୁନିଆର ସବୁଠାରୁ ବଡ଼ ଆଶ୍ଚର୍ଯ୍ୟ !




କଳ୍ପନା କରନ୍ତୁ, ଆପଣ ଏକ ଅଜଣା ସହରର ବ୍ୟସ୍ତବହୁଳ ରାସ୍ତାରେ ଚାଲୁଛନ୍ତି, କିନ୍ତୁ ଆପଣଙ୍କ ହାତରେ ମୋବାଇଲ୍ ଫୋନ୍ ନାହିଁ କିମ୍ବା ଆପଣଙ୍କୁ ବାରମ୍ବାର ସ୍କ୍ରିନ୍‌କୁ ଚାହିଁ ଜିପିଏସ୍ ମ୍ୟାପ୍ ଦେଖିବାକୁ ପଡୁନାହିଁ। ଶୁଣିବାକୁ ଏହା କୌଣସି ସାଇନ୍ସ-ଫିକ୍ସନ୍ ଚଳଚ୍ଚିତ୍ରର ଦୃଶ୍ୟ ପରି ମନେହେଉଥିଲେ ମଧ୍ୟ, ଆଧୁନିକ ଗ୍ୟାଜେଟ୍ ଦୁନିଆ ଏହାକୁ ସତ୍ୟ କରି ଦେଖାଇଛି। ବର୍ତ୍ତମାନର ସବୁଠାରୁ 'ହଟ୍ ଆଣ୍ଡ ଟ୍ରେଣ୍ଡିଂ' ଟେକ୍ନୋଲୋଜି ଭାବେ ବଜାରକୁ ଆସିଛି Smart Insoles ବା ସ୍ମାର୍ଟ ଜୋତା ତାଲୁଆ, ଯାହା ଆପଣଙ୍କ ସାଧାରଣ ଜୋତାକୁ ଏକ ସୁପର-ଇଣ୍ଟେଲିଜେନ୍ସ ଡିଭାଇସ୍‌ରେ ପରିଣତ କରିଦେବ। ବ୍ଲୁଟୁଥ୍ ମାଧ୍ୟମରେ ସ୍ମାର୍ଟଫୋନ୍ ସହ କନେକ୍ଟ ହେଉଥିବା ଏହି ଗ୍ୟାଜେଟ୍‌ର କାର୍ଯ୍ୟଶୈଳୀ ଅତ୍ୟନ୍ତ ଚମତ୍କାର। ଯଦି ଆପଣ ରାସ୍ତାରେ ଯାଉଛନ୍ତି ଏବଂ ଆପଣଙ୍କୁ ଡାହାଣକୁ ବୁଲିବାର ଅଛି, ତେବେ ଡାହାଣ ଜୋତା ଭିତରେ ଏକ ହାଲୁକା ଭାଇବ୍ରେସନ୍ (Vibration) ବା ଶିହରଣ ହେବ, ଆଉ ବାମକୁ ଯିବାର ଥିଲେ ବାମ ପଟ ଜୋତା ସୂଚନା ଦେବ। ବିଶେଷ କରି ବୟସ୍କ, ଦୃଷ୍ଟିହୀନ ତଥା ନୂଆ ଜାଗାକୁ ଏକ୍ସପ୍ଲୋର୍ କରୁଥିବା ଟ୍ରାଭେଲର୍ସମାନଙ୍କ ପାଇଁ ଏହି 'ହାଇ-ଟେକ୍ ଗାଇଡ୍' ଏକ ବଡ଼ ବରଦାନ ସାବ୍ୟସ୍ତ ହେବାକୁ ଯାଉଛି। ଏହି ଅଦ୍ଭୁତ ବିପ୍ଳବର ନେତୃତ୍ୱ ନେଉଛନ୍ତି ବିଶ୍ୱର ପ୍ରସିଦ୍ଧ ବ୍ରାଣ୍ଡ Digitsole ଏବଂ ଲିଡିଂ ଫୁଟ୍‌ୱେର କମ୍ପାନୀ Under Armour, ଯେଉଁମାନେ ନିଜର ପ୍ରିମିୟମ ଏଆଇ-ପାୱାର୍ଡ ସ୍ମାର୍ଟ ସୋଲ୍ସ ମାର୍କେଟ୍‌କୁ ଆଣିଛନ୍ତି। ଏହା ସହିତ ଭାରତୀୟ ଟେକ୍-ଷ୍ଟାର୍ଟଅପ୍ Lechal ମଧ୍ୟ ଏହି ଦୌଡ଼ରେ ସାମିଲ ହୋଇ ବଜେଟ୍ ଫ୍ରେଣ୍ଡଲି ଅପ୍ସନ ପ୍ରଦାନ କରୁଛି। ତଥ୍ୟ ଅନୁଯାୟୀ, ଏହି ପ୍ରଯୁକ୍ତିବିଦ୍ୟାର ପ୍ରଥମ ପର୍ଯ୍ୟାୟ ଲଞ୍ଚ ବିଶ୍ୱର ପ୍ରମୁଖ ସ୍ମାର୍ଟ ସିଟି ଯେମିତି କି ଟୋକିଓ, ପ୍ୟାରିସ୍ ଏବଂ ଭାରତର ବେଙ୍ଗାଲୁରୁ ଓ ମୁମ୍ବାଇ ଭଳି ମେଟ୍ରୋ ସହରଗୁଡ଼ିକରେ ସଫଳତାର ସହ କରାଯାଇଛି। ପ୍ରାରମ୍ଭିକ ଭାବେ ଏହି ସହରଗୁଡ଼ିକର କିଛି ବଶିଷ୍ଟ ରିଟେଲ୍ ଷ୍ଟୋର୍ ଏବଂ ଅନଲାଇନ୍ ମାଧ୍ୟମରେ ଏହା ଉପଲବ୍ଧ ହେଉଛି। ରିପୋର୍ଟ ଅନୁସାରେ, ଏହାର ପରବର୍ତ୍ତୀ ବିସ୍ତାର ଆଗାମୀ କିଛି ମାସ ମଧ୍ୟରେ ଭୁବନେଶ୍ୱର, ହାଇଦ୍ରାବାଦ ଏବଂ କୋଲକାତା ପରି ଦ୍ରୁତ ବିକାଶଶୀଳ ସହରଗୁଡ଼ିକର ଏକ୍ସକ୍ଲୁସିଭ୍ ଷ୍ଟୋର୍ ଏବଂ ଆମାଜନ-ଫ୍ଲିପକାର୍ଟ ଭଳି ଅନଲାଇନ୍ ପ୍ଲାଟଫର୍ମରେ ହେବାକୁ ଯାଉଛି। ତେବେ ମୋବାଇଲ୍ ସ୍କ୍ରିନ୍‌ରୁ ନଜର ହଟାଇ ସୁରକ୍ଷିତ ଭାବେ ବାଟ ଚାଲିବା ପାଇଁ ଏହି ଟେକ୍ନୋଲୋଜି ନିଶ୍ଚିତ ଭାବେ ଆଗାମୀ ଦିନର ସବୁଠାରୁ ବଡ଼ ଫ୍ୟାସନ୍ ଏବଂ ନେଭିଗେସନ୍ ଟ୍ରେଣ୍ଡ ହେବ।

Corporate Calendar

# Sarovar Hotels opens Prachi Sarovar Premiere in Bhubaneswar



Sarovar Hotels, in partnership with Prachi Resorts, has inaugurated Prachi Sarovar Premiere Bhubaneswar, expanding the company's presence in Odisha's hospitality market. The inauguration ceremony was attended by Ajay K. Bakaya, Chairman, Sarovar Hotels and Director, Louvre Hotels India; Vijaya Laxmi Devi, Chairperson, Prachi Resorts; Manmath Vijay Singh Deo, Director, Prachi Resorts; and Kalikesh Narayan Singh Deo, Director, Prachi Resorts. Commenting on the inauguration, Ajay K. Bakaya, Chairman, Sarovar Hotels & Director, Louvre Hotels India, said, "Bhubaneswar is rapidly evolving into one of India's most promising cultural, business and tourism destinations. The inauguration of Prachi Sarovar Premiere reflects our continued commitment to expanding in high-growth markets with strong tourism and infrastructure potential." Located in central Bhubaneswar, the upscale hotel is spread across 2.5 acres and features 78 rooms and suites. The property includes a 15,200 sq ft landscaped lawn, dining venues, a swimming pool and banqueting and conferencing facilities catering to weddings, social events, and MICE requirements. Food and beverage offerings include Flavours, an all-day dining restaurant serving regional and international cuisine, and Mahua, an indoor bar offering cocktails and premium beverages.

# ଭୁବନେଶ୍ୱରରେ ଭଟ୍ଟର ସିଲଭର ଆର୍ଟସର ଶୁଭାରମ୍ଭ



ଶୁଦ୍ଧ ରୂପା କଳାକୃତି ଜଗତରେ ଏକ ପ୍ରସିଦ୍ଧ ନାମ "ଭଟ୍ଟର ସିଲଭର ଆର୍ଟସ"ର ଉଦ୍‌ଘାଟନ ଭୁବନେଶ୍ୱରଠାରେ ହୋଇଯାଇଛି । ୧୨୫୦ ବର୍ଗଫୁଟ ବିଶିଷ୍ଟ ବିଶାଳ ସୋ ରୁମ୍ ଟି ରୂପା ଉପହାର ଓ ଲାଇଫ୍‌ଷ୍ଟାଇଲ ପ୍ରଡକ୍ଟ ପାଇଁ ଏକ ଅନନ୍ୟ ଗନ୍ତବ୍ୟସ୍ଥଳୀ ଭାବେ ପରିଚିତ ହେବ । ଏହି ଶୋ ରୁମ୍‌ରେ ୯୨୫ ଏବଂ ୯୯୯ ଶୁଦ୍ଧ ରୂପାର ବିଭିନ୍ନ ଆକର୍ଷଣୀୟ ପ୍ରସ୍ତୁତି ପ୍ରଦର୍ଶିତ ହେବ । ସେଥିମଧ୍ୟରୁ ଶୁଦ୍ଧ ରୂପାର ବାସନ ପାତ୍ର, ପ୍ରିମିୟମ୍ ହୋମ୍ ଡେକର ସାମଗ୍ରୀ, ରୁପା ଆଭୂଷଣ ଓ ପୂଜା ଓ ଭକ୍ତିମୟ ସାମଗ୍ରୀ ଆଦି ଅନ୍ତର୍ଭୁକ୍ତ । ଏହି ବ୍ରାଣ୍ଡ କର୍ପୋରେଟ୍ ଗିଫ୍ଟିଂ, ବିବାହ, ପର୍ବ ପର୍ବାଣୀ ଓ ବ୍ୟକ୍ତିଗତ ଉପହାର ଭଳି ବିଭିନ୍ନ ଅବସର ପାଇଁ ଉତ୍କୃଷ୍ଟ ରୂପା ସାମଗ୍ରୀ ଯୋଗାଇ ଆସୁଛି । ପାରମ୍ପରିକତା, ଆକର୍ଷଣ ଓ ଆଧୁନିକ ଡିଜାଇନ୍‌ର ସୁନ୍ଦର ସମନ୍ୱୟ ଏହାର ବିଶେଷତ୍ୱ । ଏହି ଉଦ୍‌ଘାଟନୀ ଉତ୍ସବରେ ଲାୟନ୍ ପରମେଶ୍ୱର ଲାଲ ଶାହା, ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର, ଲାୟନ୍ସ କ୍ଲବ୍ ଡିଷ୍ଟ୍ରିକ୍ଟ ୩୨୨ ବି-୧, ଗଣେଷ ପ୍ରସାଦ କାଣ୍ଡୋଇ, ସମାଜସେବୀ ସଞ୍ଜୟ ଲାଠ, ସେକ୍ରେଟାରୀ ଜେନେରାଲ, ଅଲ୍ ଇଣ୍ଡିଆ ପେଟ୍ରୋଲିୟମ୍ ଡିଲର୍ସ ଆସୋସିଏସନ୍ ତଥା ଅଧ୍ୟକ୍ଷ, ମାରୱାଡି ସୋସାଇଟୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଂସ୍ଥାର ମାଲିକ ଅନିଲ କୁମାର ବାଗ୍ରୋଡିଆ ଏବଂ ରିଷଭ ବାଗ୍ରୋଡିଆ କହିଥିଲେ ଯେ, ଭୁବନେଶ୍ୱରରେ ଭଟ୍ଟର ସିଲଭର ଆର୍ଟସ ଖୋଲାଯିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗ୍ରହକମାନଙ୍କୁ ସୁଲଭ ମୂଲ୍ୟରେ ଖାଣ୍ଟି ୯୨୫ ଓ ୯୯୯ରୂପାର ବିଭିନ୍ନ ପ୍ରକାରର ସାମଗ୍ରୀ ଉପଲବ୍ଧ କରାଇବା ଏବଂ ଓଡିଶାରେ ପ୍ରିମିୟମ୍ ରୂପା କ୍ରୟ ପାଇଁ ନୂତନ ଗନ୍ତବ୍ୟସ୍ଥଳୀ ସୃଷ୍ଟି କରିବା । ଏହି ଶୋ ରୁମ୍‌ରେ କେବଳ ରୂପା ସାମଗ୍ରୀର ବ୍ୟାପକ ସଂଗ୍ରହ, ଗ୍ରାହକମାନଙ୍କ ପାଇଁ କଷ୍ଟମାଇଜ୍ ଡିଜାଇନ୍‌ର ରୁପା ସାମଗ୍ରୀ ଓ ରୂପା ସାମଗ୍ରୀର ମରାମତି ଆଦି ସେବା ଯୋଗାଇ ଦିଆଯିବ ।

# Paradip Port Authority Hosts Annual Awards Nite 2026 Celebrating Record-Breaking Performance and Stakeholder Excellence




Paradip Port Authority (PPA) hosted its prestigious Annual Awards Nite 2026 & Stakeholders' Meet on the evening of 20th May at Mayfair Bay Resort Paradip, dedicated to recognising and celebrating the outstanding achievements and contributions of various stakeholders who have played a pivotal role in the Port's success during the past fiscal year. The event brought together key figures from the maritime sector including exporters, importers, officers, staff unions, PPP operators, stevedores, shipping agents, Railways, Customs and State Government officials.

Shri P. L. Haranadh, IRTS, Chairman, Paradip Port Authority, along with Shri T. Venu Gopal, Deputy Chairman, Paradip Port Authority, presented awards and shared prize money with award-winning stakeholders in recognition of their exemplary performance, operational excellence and valuable contribution towards the Port's historic growth and achievements. In his address, Chairman P. L. Haranadh stated that Paradip Port Authority is on a trajectory of unprecedented growth, establishing itself as a premier maritime hub both nationally and internationally. Capt. Alekha Charan Sahoo, Deputy Conservator, Paradip Port Authority, delivered the vote of thanks, concluding the evening on a high note of camaraderie and shared vision.

Taste of Business

# ପରମ୍ପରାର ପୋଡ଼ପିଠା, ୫-ଷ୍ଟାର୍‌ର ଆଭିଜାତ୍ୟ ଓ GI ଟ୍ୟାଗ୍‌ର ଅପେକ୍ଷା

ଯେଉଁ ମାଟିର ଆରାଧ୍ୟ ଦେବତା ସ୍ୱୟଂ ଜଗତର ନାଥ ଶ୍ରୀଜଗନ୍ନାଥ ଏବଂ ଯେଉଁଠି ମହାପ୍ରଭୁଙ୍କ ଛପନ ଭୋଗର ଅତି ପ୍ରିୟ ନୈବେଦ୍ୟ ହେଉଛି 'ପୋଡ଼ପିଠା', ସେହି ସଂସ୍କୃତିର ସ୍ୱାଦ ଆଜି ସାରା ବିଶ୍ୱରେ ଅନନ୍ୟ ।ଶ୍ରୀମନ୍ଦିର ଇତିହାସ ଏବଂ ମହାପ୍ରସାଦକୁ ପାଥେୟ କରି ଓଡ଼ିଆ ଘରେ ପାଳିତ ହୁଏ ଉନ୍ମେଷ ଓ ଉଲ୍ଲାସର ଅନନ୍ୟ ମହାପର୍ବ ରଜ।...ଏହା କେବଳ ଏକ ପର୍ବ ନୁହେଁ, ବରଂ ଓଡ଼ିଆ ସଂସ୍କୃତିର ମହାନତା, ନାରୀ ଶକ୍ତିର ସମ୍ମାନ ଏବଂ ପ୍ରକୃତିର ସବୁଜିମାକୁ ନେଇ ଗଢ଼ା ଅନନ୍ୟ ଐତିହ୍ୟ।

ଏହି ପାରମ୍ପରିକ ପର୍ବର ପ୍ରାଣକେନ୍ଦ୍ର ହେଉଛି ଓଡ଼ିଆ ଘରର ପ୍ରିୟ 'ପୋଡ଼ପିଠା'। କାହିଁ କେଉଁ କାଳରୁ ଚୁଲିର ଧୀମି ଆଞ୍ଚରେ, ଶାଳ ପତ୍ରର ବାସ୍ନା ସହ ଚାଉଳ ଚୂନା, ଗୁଡ଼, ଛେନା ଓ ନଡ଼ିଆର ମିଶ୍ରଣରେ ରାତିସାରା ପୋଡ଼ି ପ୍ରସ୍ତୁତ ହେଉଥିବା ଏହି ପିଠାର ସ୍ୱାଦ ପ୍ରତିଟି ଓଡ଼ିଆଙ୍କ ମନକୁ ଆନ୍ଦୋଳିତ କରିଥାଏ। ଏହାର ସରଳତା ମଧ୍ୟରେ ହିଁ ଓଡ଼ିଶାର ଆଭିଜାତ୍ୟ ଲୁଚି ରହିଛି। ମାତ୍ର କାଳକ୍ରମେ ସମୟର ଚକ ବୁଲିଛି। ଆଜିର ଆଧୁନିକ ଯୁଗରେ ଏହି ପାରମ୍ପରିକ ପୋଡ଼ପିଠା ଗାଁର ମାଟି ଚୁଲିରୁ ବାହାରି ଭୁବନେଶ୍ୱରର ବିଳାସପୂର୍ଣ୍ଣ ପଞ୍ଚତାରକା ହୋଟେଲଗୁଡ଼ିକରେ ଏକ ନୂତନ ଓ ସମ୍ଭ୍ରାନ୍ତ ରୂପ ଧାରଣ କରିଛି। ମେଫେୟାର୍, ସ୍ୱସ୍ତି ପ୍ରିମିୟମ୍ ଏବଂ ତାଜ୍ ଭିଭାନ୍ତା ଭଳି ପ୍ରମୁଖ ହୋଟେଲଗୁଡ଼ିକ ଏହି ପାରମ୍ପରିକ ପିଠାକୁ ଏକ ଅଭିନବ 'ଫ୍ୟୁଜନ୍ ଶୈଳୀ'ରେ ପରିବେଷଣ କରୁଛନ୍ତି। କାଜୁ-କିସମିସ ସହ ଅର୍ଗାନିକ୍ ଖଜୁରୀ ଗୁଡ଼, 'ଚକୋଲେଟ୍ ପୋଡ଼ପିଠା' ଏବଂ 'ବେକ୍‌ଡ୍ କେସରୀ ଛେନା ପୋଡ଼ପିଠା' ଭଳି ଅଭିନବ ପ୍ରୟୋଗ ଓଡ଼ିଆ ପରମ୍ପରା ସହ ଆନ୍ତର୍ଜାତୀୟ ବେକିଂ ଶୈଳୀର ଏକ ଅଦ୍ଭୁତ ସମନ୍ୱୟ ଆଣିଦେଇଛି।

ହୋଟେଲଗୁଡ଼ିକର ଏହି ନୂଆ ପ୍ରୟୋଗକୁ ନେଇ ଲୋକଙ୍କ ମଧ୍ୟରେ ଅଭୂତପୂର୍ବ କ୍ରେଜ୍ ଓ ଚାହିଦା ଦେଖିବାକୁ ମିଳିଛି।ବିଶେଷ କରି ସହରର ଆଧୁନିକ ଯୁବପିଢ଼ି ପାରମ୍ପରିକ ସ୍ୱାଦର ଏହି ଗ୍ଲାମରସ୍ ରୂପକୁ ବେଶ୍ ଆଦରର ସହ ଗ୍ରହଣ କରୁଛନ୍ତି। ରଜ ପର୍ବ ଆସିବା ପୂର୍ବରୁ ହିଁ ହୋଟେଲଗୁଡ଼ିକରେ ଆଡଭାନ୍ସ ବୁକିଂ ପାଇଁ ପ୍ରତିଯୋଗିତା ଆରମ୍ଭ ହୋଇଯାଉଛି। ପୋଡ଼ପିଠାର ଏହି ବଢୁଥିବା ଲୋକପ୍ରିୟତା ଏବଂ ଆନ୍ତର୍ଜାତୀୟ ସ୍ତରର ପ୍ରେଜେଣ୍ଟେସନ୍ ଭିତରେ ଆଜି ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଯେ, ରସଗୋଲା ଏବଂ କେନ୍ଦ୍ରାପଡ଼ା ରସାବଳୀ ପରେ ଏତେ ସମୃଦ୍ଧ ଇତିହାସ ଥାଇ ମଧ୍ୟ ଓଡ଼ିଶାର ଏହି ଅନନ୍ୟ 'ପୋଡ଼ପିଠା'କୁ ଏପର୍ଯ୍ୟନ୍ତ GI Tag (Geographical Indication) କାହିଁକି ମିଳିନାହିଁ?ସରକାରୀ ସ୍ତରରେ ଦୂରଦୃଷ୍ଟିର ଅଭାବ କିମ୍ବା ସଠିକ୍ ଦସ୍ତାବିଜର ଉପସ୍ଥାପନା ନହେବା କାରଣରୁ, ଏହି ମାଟିର ସ୍ୱାଦ ନିଜର ସ୍ୱତନ୍ତ୍ର ଜାତୀୟ ପରିଚୟ ପାଇବାରୁ ବଞ୍ଚିତ ହୋଇ ରହିଛି। ଯଦି ଆମର ଏହି ଗରିମାମୟ ପୋଡ଼ପିଠାକୁ ଜୀଆଇ ଟ୍ୟାଗ୍ ମିଳିଯାନ୍ତା, ତେବେ ଓଡ଼ିଶାର ଏହି ମାଟିର ବାସ୍ନା ଓ ସଂସ୍କୃତି ବିଶ୍ୱ ଦରବାରରେ ଆହୁରି ଗର୍ବ ଏବଂ ଗୌରବର ସହ ଚମକି ଉଠନ୍ତା ।



**Biz Zones**

## WEST ODISHA STORY

### ସମ୍ବଲପୁରର ଶୀତଳ ଷଷ୍ଠୀ ପର୍ବ ପାଇଁ ୧ କୋଟି ୮ ଲକ୍ଷ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଦେଶ କ୍ରମେ ସମ୍ବଲପୁର ଜିଲ୍ଲା ଶୀତଳ ଷଷ୍ଠୀ ପର୍ବ ପାଳନ ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୧ କୋଟି ୮ଲକ୍ଷ ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ। ଚଳିତ ବର୍ଷ ସମ୍ବଲପୁର ଜିଲ୍ଲାର ସର୍ବମୋଟ ୨୧ଟି କମିଟିଙ୍କୁ ୧ କୋଟି ୮ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ।ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ସମ୍ବଲପୁରର ପ୍ରତିଶ୍ରୁତିବଦ୍ଧ ବୋଲି ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି।

ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ସମ୍ବଲପୁର ଓ ବରପାଲିରେ ଭବ୍ୟ ସମାରୋହରେ ଅନୁଷ୍ଠିତ ହେଉଛି। ଶିବ ଏବଂ ପାର୍ବତୀଙ୍କର ପବିତ୍ର ବିବାହ ଉତ୍ସବ ପଶ୍ଚିମ ଓଡ଼ିଶାର ସଂସ୍କୃତିକୁ ବିଶ୍ୱ ଦରବାରରେ ପରିଚିତ କରାଉଛି। ଏହି ଯାତ୍ରା ୭ ଦିନ ଧରି ଚାଲିତାଏ। ପରମ୍ପରା ଅନୁସାରେ ପ୍ରଭୁ ଶିବଙ୍କ ବିବାହ ଜଣେ ସାଧାରଣ ବର ପରି ସମ୍ପନ୍ନ ହୁଏ। ଭକ୍ତମାନେ ମା' ପାର୍ବତୀଙ୍କ ବାପା-ମା' ଭୂମିକା ଗ୍ରହଣ କରି



ଶୀତଳ ଷଷ୍ଠୀ ପର୍ବ ଆମ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଶୀତଳ ଷଷ୍ଠୀକୁ ଭବ୍ୟତାର ସହ ପାଳନ କରିବା ପାଇଁ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଆମ ଓଡ଼ିଶାର ପର୍ବପର୍ବାଣୀ ଓ ଯାନିଯାତ୍ରାକୁ ବିଶ୍ୱ ଦରବାରରେ ଏକ ଅନନ୍ୟ ପରିଚୟ ପ୍ରଦାନ କରିବା ନିମନ୍ତେ ଆମ ସରକାର ବୈଦିକ ରୀତିନୀତିରେ ବିବାହ କରାଇଥାଆନ୍ତି। ସମ୍ବଲପୁରର ବିଭିନ୍ନ ଶୈବପୀଠ (ଯଥା: ନନ୍ଦପଡ଼ା, ଝାଡୁଆପଡ଼ା, ମୁଦିପଡ଼ା ଇତ୍ୟାଦି)ରୁ ଭବ୍ୟ ଶୋଭାଯାତ୍ରା ବାହାରି ଥାଏ। ରଙ୍ଗବେରଙ୍ଗର ଆଲୋକସଜ୍ଜା, ସୁଶୋଭିତ ରଥ ଏବଂ ପାରମ୍ପରିକ ଲୋକନୃତ୍ୟ ଏହାର ମୁଖ୍ୟ ଆକର୍ଷଣ ହୋଇଥାଏ।

### ବ୍ରଜରାଜନଗରର ବିକାଶ ପାଇଁ ୨୩.୪୮ କୋଟି ବ୍ୟୟରେ ୮୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ




ବ୍ରଜରାଜନଗର ପୌରପରିଷଦ ଅଞ୍ଚଳର ବ୍ୟାପକ ବିକାଶ ପାଇଁ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀଯୁକ୍ତ ସୁରେଶ ପୂଜାରୀଙ୍କ କରକମଳରେ ବ୍ରଜରାଜନଗରଠାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ବ୍ରଜରାଜନଗର ଠାରେ ବହୁ ପ୍ରତୀକ୍ଷିତ ଅତ୍ୟାଧୁନିକ 'ଅଟଳ ବସ୍ ଷ୍ଟାଣ୍ଡ'ର ଶିଳାନ୍ୟାସ କରିଥିଲେ। ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମର ୨୦୨୩-୨୪ ଯୋଜନା ଅନୁସାରେ ଅନୁମୋଦିତ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଓଡ଼ିଶା ପୋଲିସ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେସନ ଦ୍ୱାରା କରାଯିବ। ଏହାର ମୋଟ ନିର୍ମାଣ ବ୍ୟୟ ୩୨.୭୮ କୋଟି ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ୨୦୨୭ ଅଗଷ୍ଟ ସୁଦ୍ଧା କାମ ସମାପ୍ତ କରିବାକୁ ଲକ୍ଷ୍ୟ ରହିଛି। ଏହି କାର୍ଯ୍ୟକ୍ରମରେ ବ୍ରଜରାଜନଗରର ପ୍ରଗତିକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ମୋଟ ୨୩.୪୮ କୋଟି ଟଙ୍କା ବିନିମୟରେ ୮୨ ଗୋଟି ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବା ସହ ୨.୭୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ୧୨ ଗୋଟି ପ୍ରକଳ୍ପର ଲୋକାର୍ପଣ କରାଯାଇ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯାଇଛି।

ଏହି ଅବସରରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ନାୟକ, ଭାରପ୍ରାପ୍ତ ନଗରପାଳ କ୍ରିଷ୍ଣା ଗୋପାଲ ସିଡାନୀ, ଏସଡିପିଓ ଚିନ୍ତାମଣି ପ୍ରଧାନ, ହାଉସିଙ୍ଗ ବୋର୍ଡର ଡେପୁଟି ମ୍ୟାନେଜର ସନ୍ତୋଷ କୁମାର ଦଳେଇ ଝାରସୁଗୁଡ଼ା ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର ଓଏସଆରଟିସିର ଜିଲ୍ଲା ମ୍ୟାନେଜର ଚିନ୍ତା ପାଲ ଉପସ୍ଥିତ ଥିଲେ। ପ୍ରାୟ ୩.୩୦ ଏକର ଜମିରେ ନିର୍ମିତ ହେବାକୁ ଥିବା ଏହି ଆଧୁନିକ ବସ୍ ଷ୍ଟାଣ୍ଡର ମୋଟ ନିର୍ମିତ କ୍ଷେତ୍ରଫଳ ୯୨୧୯.୩୨ ବର୍ଗ ମିଟର ରହିବ। ଏଠାରେ ଯାତ୍ରୀ ଏବଂ ଚାଳକମାନଙ୍କ ସୁବିଧା ନିମନ୍ତେ ସୁବିସ୍ତୃତ ପାର୍କିଂ, ଇଭି ଚାର୍ଜିଂ ଶେଡ୍, ଲିଫ୍ଟ, ସିସିଟିଭି ସୁରକ୍ଷା, ଡର୍ମିଟୋରୀ ଓ ଫୁଡ୍ କୋର୍ଟ ଉପଲବ୍ଧ କରାଯିବ।

### ଓଡ଼ିଶାର ଦ୍ୱିତୀୟ ତଥା ଦେଶର ତୃତୀୟ 'ଅନ୍ନପୂର୍ତ୍ତି ଗ୍ରେନ୍ ଏଟିଏମ୍' ଝାରସୁଗୁଡ଼ାରେ ଲୋକାର୍ପିତ

ଓଡ଼ିଶା ସରକାର ଏବଂ ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ମିଳିତ ସହଯୋଗରେ ହିତାଧିକାରୀଙ୍କୁ ଅତି ସହଜ, ସ୍ୱଚ୍ଛ ଏବଂ ଉନ୍ନତ ମାଧ୍ୟମରେ ଖାଦ୍ୟଶସ୍ୟ ଯୋଗାଇବା ପାଇଁ ଝାରସୁଗୁଡ଼ାଠାରେ ଲୋକାର୍ପିତ ହୋଇଯାଇଛି ପ୍ରଯୁକ୍ତିବିଦ୍ୟା ଆଧାରିତ 'ଅନ୍ନପୂର୍ତ୍ତି ଗ୍ରେନ୍ ଏଟିଏମ୍' । ଏହା ଓଡ଼ିଶାର ଦ୍ୱିତୀୟ ଏବଂ ସମଗ୍ର ଭାରତ ବର୍ଷର ତୃତୀୟ ଗ୍ରେନ୍ ଏଟିଏମ୍। ଏହି ଅତ୍ୟାଧୁନିକ ବ୍ୟବସ୍ଥାକୁ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ବୈଷୟିକ ପ୍ରଯୁକ୍ତିବିଦ୍ୟା ବିଭାଗର ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଝାରସୁଗୁଡ଼ାର ବିଧାୟକ ଟଙ୍କଧର ତ୍ରିପାଠୀ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଛନ୍ତି। ଏହି ଗୌରବମୟ ଅବସରରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏବଂ ଭାରତର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଉପ-ନିର୍ଦ୍ଦେଶିକା ନୋଜୋମି ହାସିମୋଟୋ, ହିମାଂଶୁ ବଳ, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ, ମୁଖ୍ୟ, କ୍ଷେତ୍ରୀୟ କାର୍ଯ୍ୟାଳୟ, ଓଡ଼ିଶା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି କ୍ରମରେ ରାଜ୍ୟ ସରକାରଙ୍କ ଏକ ବଡ଼ ଉପଲବ୍ଧି ସ୍ୱରୂପ ଏବେ ହିତାଧିକାରୀଙ୍କୁ ମୁଣ୍ଡ ପିଛା ୧୦ କିଲୋଗ୍ରାମ ଚାଉଳ ପ୍ରଦାନ କରାଯାଉଛି। ଏଥିସହିତ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ମାଧ୍ୟମରେ ଆହୁରି ଅଧିକ ୫ କିଲୋଗ୍ରାମ ଲେଖାଏଁ ଚାଉଳ ଯୋଗାଇ ଦିଆଯାଉଛି, ଯାହା ଗରିବ ପରିବାର ଗୁଡ଼ିକୁ ଆର୍ଥିକ ଓ ସାମାଜିକ ସ୍ତରରେ ବେଶ୍ ସମୃଦ୍ଧ କରିବ।" ହିତାଧିକାରୀମାନଙ୍କୁ ଯେପରି କୌଣସି ଅନାବଶ୍ୟକ ଶ୍ରମ କିମ୍ବା ସମସ୍ୟାର ସମ୍ମୁଖୀନ ହେବାକୁ ନପଡ଼ିବ, ସେଥିପାଇଁ ଖୁବ୍‌ଶୀଘ୍ର ରାଜ୍ୟର ପ୍ରତି ଜିଲ୍ଲାରେ ଏବଂ ବ୍ଲକ ସ୍ତରରେ ମଧ୍ୟ ଏହି ଗ୍ରେନ୍ ଏଟିଏମ୍ ସେବା ଉପଲବ୍ଧ କରାଯିବ। ଏହି ଯୋଜନା ଅଧୀନରେ ଆଗାମୀ ଦିନରେ ସମଗ୍ର ଓଡ଼ିଶାରେ ୫୫ଟି ନୂତନ ଗ୍ରେନ୍ ଏଟିଏମ୍ ସ୍ଥାପନ କରାଯିବାର ଲକ୍ଷ୍ୟ ରଖାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଭାରତର ପ୍ରାୟ ୮୧୩ ନିୟୁତ ଲୋକଙ୍କୁ ରିହାତି ଦରରେ ଖାଦ୍ୟଶସ୍ୟ ପ୍ରଦାନ କରାଯାଉଛି।




## SOUTH SIDE ODISHA

### Vedanta Projects to be reviewed every 15 days to ensure timely completion

Chief Minister Shri Mohan Charan Majhi met with Anil Agarwal, Chairman of the Vedanta Group, at Lok Seva Bhawan to discuss the progress of Vedanta's upcoming projects in Odisha, valued at over ₹1 lakh crore. The discussion primarily focused on ensuring the timely implementation of these projects. It is noteworthy that with an investment exceeding ₹1 lakh crore, Vedanta has emerged as a major investor in the state.

Vedanta's proposed establishments in Odisha include: • A 60 lakh tonne capacity Alumina Refinery in Rayagada district. • A 30 lakh tonne capacity Aluminium Smelter in Dhenkanal district. • A 6000 MW capacity Power Project in Dhenkanal district. • A Downstream Aluminium Park, along with Integrated Coal and Bauxite Industries.

These projects will collectively bolster the state's industrialization process. Vedanta will set up the Downstream Aluminium Park near its smelter to manufacture advanced aluminium products tailored for sectors like aerospace, electric vehicles (EV), and defence. These initiatives will position Odisha as the world's largest aluminium production hub, generating lakhs of employment opportunities and fostering the creation of thousands of new MSMEs.

Land allocation has already been completed for the Power Project and Smelter in Dhenkanal, as well as the Alumina Refinery project in Rayagada. The provision of necessary infrastructure and facilities for these projects is progressing smoothly. The company's new coal block is targeted to become operational this year. Additionally, the Ministry of Railways has approved a proposed rail link near Vedanta's upcoming bauxite mine.

During the discussion, the Chief Minister stated that this massive investment by Vedanta will create immense opportunities for our youth. The progress of Vedanta's projects will be reviewed every 15 days, and steps will be taken to ensure work commences on schedule. These projects will accelerate our journey toward transforming Odisha into a $500 billion economy by 2036. It will significantly boost economic activities and infrastructure development, particularly in Central and Southern Odisha."



Reflecting on the progress of the projects, Vedanta Group Chairman Shri Anil Agarwal remarked that the upcoming projects will bring a transformation to Odisha's economy. They will generate lakhs of jobs, empower local enterprises, and help build a future-ready industrial hub. The meeting was attended by Hemant Sharma, Additional Chief Secretary (Industries); Saswat Mishra, Additional Chief Secretary to the Chief Minister; Dr. Arabinda Padhee, Additional Chief Secretary (Revenue); along with senior officials from the Vedanta Group.

## FINDING NORTH ODISHA

### କଟକ, ବରଗଡ଼ ଓ ଯାଜପୁରରେ ହେବ ୬୬ କୋଟି ଟଙ୍କାର ହସ୍ତତନ୍ତ ହବ୍

କଟକ, ବରଗଡ଼ ଏବଂ ଯାଜପୁର ଜିଲ୍ଲାରେ ପ୍ରାୟ ୬୬ କୋଟି ଟଙ୍କା ବିନିଯୋଗରେ ହସ୍ତତନ୍ତ ହବ୍ ଓ ପାର୍କ ପ୍ରତିଷ୍ଠା ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି | ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟର ୩ଟି ଜିଲ୍ଲାରେ ହସ୍ତତନ୍ତ ହବ୍ ଓ ପାର୍କ ପ୍ରତିଷ୍ଠା ନେଇ ବିସ୍ତୃତ ଆଲୋଚନା ହୋଇଥିଲା | କଟକ ଜିଲ୍ଲାର ଅଭିମାନପୁରଠାରେ ୧୩.୫୧ କୋଟି ଟଙ୍କା ବ୍ୟୟରେ ୨.୭୭ ଏକର ସ୍ଥାନରେ ଏ.ଆଇ ଓ ବ୍ଲକ ଚେନ ସମର୍ଥିତ ହସ୍ତତନ୍ତ ହବ୍ ପ୍ରତିଷ୍ଠା ନେଇ ଆଲୋଚନା ହୋଇଥିଲା । ଏଠାରେ ପ୍ରଶାସନିକ କାର୍ଯ୍ୟାଳୟ ସହ ଅତିଥି ଗୃହ, ଡିସ୍‌ପ୍ଲେ ସପ୍, କପଡ଼ା ବୟନ କେନ୍ଦ୍ର ପ୍ରଦର୍ଶନୀ ଅଞ୍ଚଳ ସହ ବିକ୍ରୟ ଷ୍ଟଲ, ଗୋଦାମ ଗୃହ ଆଦି କ୍ଷେତ୍ର ନିର୍ମିତ ହେବ। ସେହିପରି ବରଗଡ଼ ଜିଲ୍ଲାରେ ୨୦ କୋଟି ଟଙ୍କା ବ୍ୟୟରେ ହସ୍ତତନ୍ତ ଓ ପୋଷାକ ପାର୍କ ପ୍ରତିଷ୍ଠା ନେଇ ଥିବା ପ୍ରସ୍ତାବ ଉପରେ ଆଲୋଚନା ହୋଇଛି | ବରଗଡ଼ର ଗୋବିନ୍ଦପୁର ମଉଜାରେ ୯.୩୫ ଏକର ଜମିରେ ନିର୍ମାଣ ହେବାକୁ ଥିବା ଏହି ପାର୍କ ପଶ୍ଚିମ ଓଡ଼ିଶାର ସମ୍ବଲପୁର, ସୁବର୍ଣ୍ଣପୁର ଓ ବଲାଙ୍ଗିର ଅଞ୍ଚଳ ପାଇଁ ବେଶ ଉପଯୋଗୀ ସାବ୍ୟସ୍ତ ହେବ। ବରଗଡ଼ ଜିଲ୍ଲାର ବେହେରା ବାଲିଜୁରୀ ଠାରେ ବୁଣାକାର ହାଟ ସ୍ଥାପନ ନେଇ ବୈଠକରେ ଆଲୋଚନା ହୋଇଥିଲା । ଏଥିରେ ହସ୍ତତନ୍ତ ପଣ୍ୟ ପ୍ରଦର୍ଶନ ଓ ବିକ୍ରୟ ପାଇଁ ୨୦୦ଟି ପିଣ୍ଡିର ବିକାଶ ସହ ସାମଗ୍ରୀ ପରିବହନ ଓ ଯାତାୟତ ପାଇଁ ସ୍ୱତନ୍ତ୍ର ରାସ୍ତା ନିର୍ମାଣ, ପାର୍କିଂ ବ୍ୟବସ୍ଥା ଓ ଫୁଡ୍ ଷ୍ଟଲ୍‌ର ବ୍ୟବସ୍ଥା ରହିବ । ୨୯.୧୨ ଏକର ଅଞ୍ଚଳରେ ନିର୍ମାଣ ହେବାକୁ ଥିବା ବୁଣାକାର ହାଟ ଲାଗି ୨୭.୫୭ କୋଟି ଟଙ୍କାର ବ୍ୟୟ ଅଟକଳ ରହିଛି । ସେହିପରି ଯାଜପୁର ଜିଲ୍ଲାର ଗୋପାଳପୁରଠାରେ ଏଆଇ ଏବଂ ବ୍ଲକ୍‌ଚେନ୍ ସମର୍ଥିତ ହସ୍ତତନ୍ତ ହବ୍ ପ୍ରତିଷ୍ଠା ନେଇ ଆଲୋଚନା ହୋଇଛି । ପ୍ରାୟ ୨ ଏକର ଜମିରେ ୧୫ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ହବ୍ ସିଲ୍‌କ ଶାଢ଼ି, ବସ୍ତ୍ର ଓ ଗୃହସଜ୍ଜା ସାମଗ୍ରୀ ଉତ୍ପାଦନ ଓ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ ।

### ଶିମିଳିପାଳରେ ପ୍ରସ୍ତାବିତ ରିସୋର୍ଟ ପ୍ରକଳ୍ପ ଉପରେ ଏନ୍‌ଜିଟି ଛାଟ

ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ୍ (NGT) ପୂର୍ବ ଅଞ୍ଚଳ ବେଞ୍ଚ୍ (କୋଲକାତା)ର ଜଷ୍ଟିସ ଅରୁଣ କୁମାର ତ୍ୟାଗୀ ଓ ଈଶ୍ୱର ସିଂହଙ୍କ ଖଣ୍ଡପୀଠରେ ଶିମିଳିପାଳ ବାଘ ସଂରକ୍ଷିତ ଅଞ୍ଚଳ ନିକଟରେ ପ୍ରସ୍ତାବିତ ହୋଟେଲ/ରିସର୍ଟ ପ୍ରକଳ୍ପ ସମ୍ବନ୍ଧୀୟ ମାମଲାର ଶୁଣାଣି କରି ନିର୍ମାଣ କାର୍ଯ୍ୟ ଉପରେ ରୋକ୍ ଲଗାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଅଧିବକ୍ତା ଆକାଶ ଶର୍ମା ମାମଲାର ଯୁକ୍ତି ଉପସ୍ଥାପନ କରିଥିଲେ। ଶୁଣାଣି ସମୟରେ ପ୍ରତିବାଦୀ ନଂ ୧ ଓ ୩, ଅର୍ଥାତ୍ ଓଡ଼ିଶା ସରକାର ଓ ବାରିପଦା ଫରେଷ୍ଟ ଡିଭିଜନର ଡିଏଫ୍‌ଓ ଟ୍ରିବ୍ୟୁନାଲ୍‌ରେ ଉପସ୍ଥିତ ଥିଲେ। ପ୍ରତିବାଦୀ ନଂ ୫, ହୋଟେଲ ସୋନାର ବାଙ୍ଗ୍ଲା ମଧ୍ୟ ମାମଲାରେ ହାଜର ହୋଇଥିଲେ। ସମସ୍ତ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଟ୍ରିବ୍ୟୁନାଲ୍ ଆବେଦକଙ୍କ ଅନ୍ତରୀଣ ପ୍ରାର୍ଥନା ଅନୁଯାୟୀ ରହିତା ଦେଶ ଜାରି କରିଛନ୍ତି। ଶୁଣାଣି ସମୟରେ ମୁଖ୍ୟ ଶାସନ ସଚିବ, ଓଡ଼ିଶା ସରକାର ଏବଂ ଡିଏଫଓ ଟ୍ରିବ୍ୟୁନାଲ୍ ସମ୍ମୁଖରେ କହିଥିଲେ ଯେ ରହିତା ଦେଶ ଜାରି ହେଲେ ତାଙ୍କ ପକ୍ଷରୁ କୌଣସି ଆପତ୍ତି ନାହିଁ। ଏହାପରେ ଟ୍ରିବ୍ୟୁନାଲ୍ ପ୍ରତିବାଦି ଇଡକୋ, ଇପିକଲ୍ ଓ ହୋଟେଲ ସୋନାର ବାଙ୍ଗ୍ଲାକୁ ମୟୂରଭଞ୍ଜ ଜିଲ୍ଲାର ଶାମାଖୁଣ୍ଟା ତହସିଲ ଅନ୍ତର୍ଗତ ମୌଜା ଲକ୍ଷ୍ମୀପୋଷି, ଖାତା ନଂ ୧୨୩, ପ୍ଲଟ ନଂ ୧୩୮ ଉପରେ କୌଣସି ପ୍ରକାର ନିର୍ମାଣ କିମ୍ବା ସମ୍ବନ୍ଧିତ କାର୍ଯ୍ୟ କରିବାରୁ ବିରତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାଟି ଶିମିଳିପାଳ ବାଘ ସଂରକ୍ଷିତ ଅଞ୍ଚଳର ଇକୋ ସେନ୍ସିଟିଭ୍ ଜୋନ୍ ଭିତରେ ଅବସ୍ଥିତ ପ୍ରାୟ ୧୦୦ ଏକର ପରିମାଣର ପରିବେଶ ସମ୍ବେଦନଶୀଳ ଜଙ୍ଗଲ ଓ ପାହାଡ଼ିଆ ଜମିକୁ ଏକ ବେସରକାରୀ ହୋଟେଲ/ରିସର୍ଟ ପ୍ରକଳ୍ପ ପାଇଁ ବ୍ୟବହାର କରିବା ପ୍ରସ୍ତାବକୁ ନେଇ ଦାଖଲ କରାଯାଇଛି। ଆବେଦକଙ୍କ ଅଭିଯୋଗ ଅନୁଯାୟୀ, ଏହି ଜମିଟି ଘନ ଶାଳ ଜଙ୍ଗଲ ଓ ପରିବେଶ ଦୃଷ୍ଟିରୁ ଅତ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳ ଅଟେ। ଶିମିଳିପାଳ ବାଘ ସଂରକ୍ଷିତ ଅଞ୍ଚଳ ସହ ଜଡିତ ଏକ ଗୁରୁତ୍ୱପୂର୍ଣ୍ଣ ବନ୍ୟଜନ୍ତୁ କରିଡୋର ଭାବେ କାର୍ଯ୍ୟ କରୁଛି। ମାମଲାଟି ବର୍ତ୍ତମାନ ଟ୍ରିବ୍ୟୁନାଲ୍‌ରେ ବିଚାରାଧୀନ ଅଛି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୩୧ରେ ଧାର୍ଯ୍ୟ କରାଯାଇଛି।

**Growth Central**

# Cabinet approves ₹8,300 crore coastal highway project between Rameshwar and Paradeep in Odisha

The Cabinet Committee on Economic Affairs (CCEA), chaired by Prime Minister Narendra Modi, on Wednesday approved the construction of a new coastal highway connecting Rameshwar and Paradeep in Odisha at a total cost of ₹8,300.79 crore. The project will be developed under the Hybrid Annuity Model (HAM) and will cover a total length of about 160.18 kilometres across Khurda, Puri, Kendrapada and Jagatsinghpur districts. According to the government, the highway will be constructed in two packages. The first package comprises a 79.4-kilometre four-lane access-controlled highway between Rameshwar and Konark, while the second package involves the construction of an 80.78-kilometre two-lane highway with paved shoulders between Konark and Paradeep. The project has been approved in view of increasing traffic demand and limitations in the existing road network. The current NH-316 corridor connecting Bhubaneswar, Puri, Satapada and Konark faces congestion, ribbon development and heavy local commuter traffic, affecting long-distance travel efficiency. Designed for speeds of up to 100 kilometres per hour, the new coastal highway is expected to significantly improve connectivity across Odisha's coastal region and support regional economic growth. The government said the project aligns with the PM GatiShakti National Master Plan and will connect nine economic nodes and five logistics nodes, contributing to improvements in the country's logistics efficiency. Upon completion, travel time between Rameshwar and Paradeep




is expected to reduce by nearly two and a half hours. The project is also expected to lower fuel consumption, reduce carbon emissions and bring down vehicle operating costs. The corridor will improve connectivity to key economic and industrial centres, including special economic zones in Bhubaneswar and Khurda, a mega food park in Bhubaneswar, fishing clusters in Paradeep, Konark, Jagatsinghpur, Puri and Kendrapada, and a pharmaceutical cluster in Cuttack. Major logistics hubs linked through the project include Puri Railway Station, the proposed Puri Airport, Astarang Port, Paradeep Port and the Multi-Modal Logistics Park at Jagatsinghpur. The government estimates that the project will generate around 53.61 lakh direct man-days and 67.01 lakh indirect man-days of employment during its construction and implementation phases. Both packages will be developed with a concession period of 17.5 years, including 2.5 years of construction and 15 years of operation and maintenance.

# ଢିଙ୍କିଆରେ ଜେଏସ୍‌ଡବ୍ଲ୍ୟୁ ମେଗା ଷ୍ଟିଲ୍‌ପ୍ଲାଣ୍ଟର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ: 'ଓଡ଼ିଶା ହେବ ଦେଶର ଷ୍ଟିଲ୍ ରାଜଧାନୀ'

ଜଗତସିଂହପୁର ଜିଲ୍ଲା ଏରସମାର ଢିଙ୍କିଆ ଅଞ୍ଚଳରେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌ର ମେଗା ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍‌ପ୍ଲାଣ୍ଟର ବ୍ଲାଷ୍ଟ ଫର୍ଣ୍ଣେସ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଢିଙ୍କିଆ ଅଞ୍ଚଳରେ ଆୟୋଜିତ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ କରିବା ସହିତ ଓଡ଼ିଶାକୁ ଦେଶର 'ଷ୍ଟିଲ୍ ରାଜଧାନୀ' ଭାବେ ଗଢ଼ି ତୋଳିବାକୁ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି କହିଛନ୍ତି। ଶ୍ରୀ ମାଝୀ କହିଛନ୍ତି ଯେ ଯେଉଁ ପ୍ରକଳ୍ପ ପାଇଁ ଜନସାଧାରଣ ଦୁଇ ଦଶନ୍ଧି ଧରି ଅପେକ୍ଷା କରିଥିଲେ ଏବଂ ଦୁଇ ବର୍ଷ ତଳେ ଯାହାର କେବଳ ତରବରିଆ ଶିଳାନ୍ୟାସ କରାଯାଇଥିଲା, ତାହାକୁ ନୂତନ ଡବଲ୍ ଇଞ୍ଜିନ୍ ସରକାର ଫାଷ୍ଟ-ଟ୍ରାକ୍ ମୋଡ୍‌ରେ କାର୍ଯ୍ୟକାରୀ କରାଇଛି। ପୂର୍ବ ଗତିରେ କାମ ଚାଲିଥିଲେ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୨୦୨୮ ମସିହାରେ ଆରମ୍ଭ ହୋଇଥାନ୍ତା। ବର୍ତ୍ତମାନ ୨୦୨୮ ସୁଦ୍ଧା ନିର୍ମାଣ ସମ୍ପୂର୍ଣ୍ଣ ହୋଇ ଷ୍ଟିଲ୍ ଉତ୍ପାଦନ ଆରମ୍ଭ ହେବ। ରାଜ୍ୟରେ ଗଲା ଦୁଇ ବର୍ଷ ମଧ୍ୟରେ ୪୩୩ଟି ପ୍ରକଳ୍ପକୁ ମଞ୍ଜୁରି ଦିଆଯାଇଥିବା ବେଳେ ଏହା ଦ୍ୱାରା ୮ ଲକ୍ଷ ୫୦ ହଜାର କୋଟି ଟଙ୍କାର ନିବେଶ ସହ ୫ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ବର୍ତ୍ତମାନ ସୁଦ୍ଧା ୧୪୮ଟି ପ୍ରକଳ୍ପର ଭୂମିପୂଜା ସରିଛି। ଏହା ମାଧ୍ୟମରେ ପ୍ରାୟ ୨ ଲକ୍ଷ ୩୭ ହଜାର ଯୁବକଯୁବତୀ ନିଯୁକ୍ତି ପାଇଛନ୍ତି। ହାଇଦ୍ରାବାଦ, କୋଲକାତା ଓ ଗୁଜରାଟ ଗସ୍ତ କରି ସେ ପ୍ରାୟ ୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ଆଣିବାରେ ସଫଳ ହୋଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଓଡ଼ିଶା ପ୍ରତି ଥିବା ସ୍ନେହ ଓ ସହଯୋଗ ଯୋଗୁଁ ନିବେଶକମାନେ ଏବେ ଓଡ଼ିଶାମୁହାଁ ହେଉଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ କଳ୍ପନାରେ ପାରାଦୀପ, ଧାମରା ଓ ଗୋପାଳପୁର ବନ୍ଦର



ପ୍ରମୁଖ ଭୂମିକା ଗ୍ରହଣ କରିବ ଏବଂ ସେଥିରେ ପାରାଦୀପ ସବୁଠାରୁ ଶୀର୍ଷରେ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଉତ୍ସବରେ ଶିଳ୍ପମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁ ଯୋଗ ଦେଇ ଏହା ପାରାଦୀପ ଏବଂ ସମଗ୍ର ଜଗତସିଂହପୁର ଜିଲ୍ଲାର ଔଦ୍ୟୋଗିକ ବିକାଶ ପାଇଁ ଏକ ଐତିହାସିକ ମୁହୂର୍ତ୍ତ ବୋଲି କହିଛନ୍ତି। ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ଏହି ପ୍ରକଳ୍ପରେ ୧ ଲକ୍ଷ ୨୫ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ କରାଯିବ, ଯାହାକି ଓଡ଼ିଶା ଶିଳ୍ପ ଇତିହାସରେ ସର୍ବାଧିକ। ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ଅତ୍ୟାଧୁନିକ ପ୍ଲାଣ୍ଟରୁ ବାର୍ଷିକ ପ୍ରାୟ ୨୪ ମିଲିଅନ୍ ଟନ୍ ଷ୍ଟିଲ୍ ଉତ୍ପାଦନ ହେବା ସହ ଏଠାରେ ୧୨ ମିଲିଅନ୍ ଟନ୍‌ର ଏକ ସିମେଣ୍ଟ ପ୍ଲାଣ୍ଟ, ୯୦୦ ମେଗାୱାଟ୍‌ର କାପ୍‌ଟିଭ୍ ପାୱାର ସିଷ୍ଟମ୍ ଏବଂ ଏକ ସ୍ୱତନ୍ତ୍ର ଜେଟି ନିର୍ମାଣ କରାଯିବ। ଏହି ସମାରୋହରେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ, ଜେଏସ୍‌ଡବ୍ଲ୍ୟୁର ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ, ସିଇଓ ଜୟନ୍ତ ଆଚାର୍ଯ୍ୟ, ସଭାପତି ଅନିଲ କୁମାର ସିଂହ ଉପସ୍ଥିତ ଥିଲେ।

# 200+ Startups, Policymakers Unite at Swabalambi Odisha Annual Meet 2026

In a major boost to Odisha's entrepreneurial ecosystem, the Swabalambi Odisha Annual Meet 2026 brought together over 200 startups, entrepreneurs, investors, students, and policymakers at O-Hub, Startup Odisha Building, Chandaka Industrial Area, on Friday. Organized jointly by Testquest and Swabalambi Odisha under founder Shri Sadashiba Mishra, the summit served as a high-impact platform for innovation, networking, and collaboration. Themed "Empowering Entrepreneurs. Building Odisha," the event saw participation from startup founders, MSMEs, women entrepreneurs, student innovators, and industry stakeholders, reflecting the state's rapidly growing startup landscape. Highlighting the organization's mission, Shri Sadashiba Mishra said Swabalambi Odisha aims to build a stronger entrepreneurial ecosystem by empowering startups, young innovators, and MSMEs through mentorship and community-driven initiatives.A key highlight was the official launch of the Testquest Mobile App, an edtech platform designed to help students "Learn. Practice. Succeed." through advanced mock tests and performance analysis for smarter learning. Chief Guest Manmohan Samal, addressing the gathering, congratulated Swabalambi Odisha for promoting entrepreneurship, innovation, and youth-led initiatives. He extended best wishes for the success of the annual function



and future endeavors.Honourable Guest Sujit Kumar stressed the role of innovation-driven startups in generating employment and economic growth in Odisha. Honourable Guest Akash Das Nayak urged young entrepreneurs to pursue innovation with confidence, noting emerging opportunities for creators. Dr. Aiswarya Biswal praised the initiative for empowering women and youth through inclusive, community-driven support.The event also marked the release of the Swabalambi Odisha Souvenir Magazine, documenting entrepreneurial journeys and ecosystem insights. To foster youth innovation, Student Entrepreneurship Awards were presented to promising student innovators for outstanding ideas and leadership.The summit concluded with extensive networking sessions, founder discussions, and media engagements aimed at strengthening Odisha's entrepreneurial landscape and creating new opportunities for collaboration.

# ଖୋର୍ଦ୍ଧାରେ ସମୃଦ୍ଧ ଶିଳ୍ପାୟନର ବ୍ଲୁ-ପ୍ରିଣ୍ଟ ଦେଖିଲେ ମୁଖ୍ୟମନ୍ତ୍ରୀ



ଓଡ଼ିଶାରେ ଶିଳ୍ପାୟନର ପ୍ରସାର, ସ୍ଥାନୀୟ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ଏବଂ ଏଥିପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧା ଜିଲ୍ଲାର ଦୁଇଟି ପ୍ରମୁଖ ଶିଳ୍ପ ସଂସ୍ଥା ପରିଦର୍ଶନ କରି ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ ପ୍ରଥମେ କାଳୀବେଟି ସ୍ଥିତ ଏପିକ ଗ୍ରୁପ୍‌ର ଅତ୍ୟାଧୁନିକ ବସ୍ତ୍ର ଉତ୍ପାଦନ କାରଖାନା 'ଟ୍ରାଇମେଟ୍ରୋ ଗାର୍ମେଣ୍ଟସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ' (Trimetro Garments India Pvt Ltd) ଏବଂ ପରବର୍ତ୍ତୀ ସମୟରେ ମୁଣ୍ଡାଆମ୍ବ ସ୍ଥିତ ପ୍ରତିରକ୍ଷା ଓ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରର ଅଗ୍ରଣୀ ସଂସ୍ଥା 'ଆନାଡ୍ରୋନ୍ ସିଷ୍ଟମ୍ସ' (Anadrone Systems) ପରିସର ପରିଦର୍ଶନ କରିବା ସହ ସେଠାରେ କାର୍ଯ୍ୟରତ ଟିମ୍ ଓ କର୍ମଚାରୀମାନଙ୍କ ସହ ସିଧାସଳଖ ଆଲୋଚନା କରିଛନ୍ତି।

ଏହି ପରିଦର୍ଶନ ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଥମେ Trimetro Garments କାରଖାନାର କର୍ମଚାରୀମାନଙ୍କ ସହ ଅତି ନିବିଡ଼ ଭାବେ ଆଲୋଚନା କରି ସେମାନଙ୍କର କାର୍ଯ୍ୟ ପ୍ରଣାଳୀ ଓ କାର୍ଯ୍ୟ ପରିବେଶ ସମ୍ପର୍କରେ ପଚାରି ବୁଝିଥିଲେ। ଆଗାମୀ ଦିନରେ ଏହି ଅଞ୍ଚଳରେ ଏଭଳି ଆହୁରି ଅନେକ ନୂତନ ଶିଳ୍ପ ୟୁନିଟ୍ ପ୍ରତିଷ୍ଠା କରାଯିବ, ଯାହା ସ୍ଥାନୀୟ ଯୁବପିଢ଼ିଙ୍କ ପାଇଁ ନୂତନ ନିଯୁକ୍ତିର ଦ୍ୱାର ଉନ୍ମୁକ୍ତ କରିବ ଏବଂ ସ୍ଥାନୀୟ ଅର୍ଥନୀତିକୁ ଅଧିକ କ୍ରିୟାଶୀଳ କରିବ। ଏହି ବୃହତ ଶିଳ୍ପଗୁଡ଼ିକୁ ଆଧାର କରି ଏଠାରେ ଏକାଧିକ ଆନୁଷଙ୍ଗିକ ଶିଳ୍ପ ମଧ୍ୟ ଗଢ଼ି ଉଠିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ।

ଓଡ଼ିଶାର ଶିଳ୍ପ ସମୃଦ୍ଧି ଓ ନିଯୁକ୍ତି ସମ୍ପର୍କରେ ଏକ ଦୃଢ଼ ପ୍ରତିଶ୍ରୁତି ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ଓଡ଼ିଶାର ପ୍ରତିଭାବାନ ଯୁବକଯୁବତୀମାନଙ୍କୁ ଜୀବିକା ସଂସ୍ଥାନ ପାଇଁ ଆଉ ନିଜ ପରିବାର ଓ ଭିଟାମାଟି ଛାଡ଼ି ବାହାର ରାଜ୍ୟକୁ ଶ୍ରମିକ ଭାବେ ଯିବାକୁ ପଡ଼ିବ ନାହିଁ। ସେମାନଙ୍କୁ ଓଡ଼ିଶାରେ ହିଁ ସମ୍ମାନଜନକ ଏବଂ ଶ୍ରେଷ୍ଠ ନିଯୁକ୍ତି ସୁଯୋଗ ଯୋଗାଇଦେବା ଆମ ସରକାରଙ୍କ ପ୍ରାଥମିକ ସଂକଳ୍ପ। ରାଜ୍ୟରେ ଶିଳ୍ପାୟନର ଏହି ଅନୁକୂଳ ବାତାବରଣ ସ୍ଥାନୀୟ ଅର୍ଥନୀତିକୁ ଏକ ନୂତନ ଗତି ପ୍ରଦାନ କରିବ। ସରକାର ପ୍ରତିଟି ପ୍ରକଳ୍ପର ଅଗ୍ରଗତିକୁ ଅତି ସତର୍କତା ଓ ସୂକ୍ଷ୍ମତାର ସହ ଅନୁଧ୍ୟାନ କରୁଛନ୍ତି।

ସୂଚନ ଯୋଗ୍ୟ ଯେ ଟ୍ରାଇମେଟ୍ରୋ ଗାର୍ମେଣ୍ଟସ୍ ହେଉଛି ବିଶ୍ୱ ସ୍ତରୀୟ ବସ୍ତ୍ର ଉତ୍ପାଦନ ସଂସ୍ଥା EPIC Groupର ଏକ କମ୍ପାନୀ । ଟ୍ରାଇମେଟ୍ରୋ ପ୍ରଥମ ଥର ପାଇଁ ଭାରତରେ ତାର ଉତ୍ପାଦନ ଆରମ୍ଭ କରିଛି। ଏହି କମ୍ପାନୀ ପାଇଁ ୨୦୨୫ ଏପ୍ରିଲ୍ ୩ ତାରିଖରେ ଶିଳାନ୍ୟାସ କରାଯାଇଥିଲା। ଖୋର୍ଦ୍ଧାରେ ସ୍ଥାପିତ ଏହି ପ୍ଲାଣ୍ଟ ୩୭୬ କୋଟି ଟଙ୍କାରେ ସ୍ଥାପିତ ହୋଇଛି। ଏହାଦ୍ୱାରା ପ୍ରାୟ ୭୦୦୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏଥିରୁ ଅଧିକାଂଶ ହେଉଛନ୍ତି ମହିଳା। ଏହି କମ୍ପାନୀ ବିଶ୍ୱ ସ୍ତରୀୟ ଫେସନ ବ୍ରାଣ୍ଡ ୟୁନିକଲୋ (Uniqlo) ପାଇଁ ଉତ୍ପାଦନ କରୁଛି। ଏହାଦ୍ୱାରା ବିଶ୍ୱ ଫେସନ ମ୍ୟାପରେ ଓଡ଼ିଶା ସ୍ଥାନ ପାଇ ପାରିଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ Anadrone Systems Private Limitedର ସିଇଓ ଶ୍ରୀ ଅନନ୍ତ ଭାଲୋଟିଆଙ୍କ ସହ ଆଲୋଚନା କରି ଅପରେସନ୍ "ସିନ୍ଦୂର"ରେ ଡ୍ରୋନ୍ Technology ର ସଫଳ ବ୍ୟବହାର ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଅଭିଯାନରେ କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଇଥିବା ଡ୍ରୋନ୍ Technology ୧୦୦ ପ୍ରତିଶତ ସଫଳତା ହାସଲ କରିଥିବାରୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ। ଏହି ପରିଦର୍ଶନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ସମେତ ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

# ଭୁବନେଶ୍ୱରରୁ ପୁରୀ ହେବ ୬ ଥାକିଆ ଏଲିଭେଟେଡ୍ କରିଡର୍

ଭୁବନେଶ୍ବରରୁ ପୁରୀକୁ ସଂଯୋଗ କରୁଥିବା ଜାତୀୟ ରାଜପଥ-୩୧୬ର ସମ୍ପ୍ରସାରଣ ହେବ। ଏହି ୬୭ କିମିର ରାସ୍ତାକୁ ୪ଲେନ୍‌ରୁ ୬ଲେନ୍ ବିଶିଷ୍ଟ ହାଇସ୍ପିଡ୍ ଏଲିଭେଟେଡ୍ କରିଡର୍ କରାଯିବ। ରାସ୍ତାର ଉଭୟ ପାର୍ଶ୍ବରେ ଦୁଇ ଲେନ୍ ବିଶିଷ୍ଟ ସ୍ବତନ୍ତ୍ର ସର୍ଭିସ ଲେନ୍ ନିର୍ମାଣ ହେବ। ଏହାସହ ସପ୍ତସତୀ ଛକରୁ ଲିଙ୍ଗିପୁର ପର୍ଯ୍ୟନ୍ତ ଥିବା ୧୧ କିମିର ପୁରୀ ବାଇପାସ୍ ରୋଡ୍‌କୁ ୬ଲେନ୍ ଏଲିଭେଟେଡ୍ କରିଡର୍ କରାଯିବ। ଉଭୟ ପାର୍ଶ୍ବରେ ୩ଲେନ୍ ବିଶିଷ୍ଟ ସର୍ଭିସ୍ ରୋଡ୍ ନିର୍ମାଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହି ସବୁ କାର୍ଯ୍ୟ ଯେପରି ସୂଚାରୁ ରୂପେ କାର୍ଯ୍ୟକାରୀ କରାଯିବ ସେ ନେଇ ପୂର୍ତ୍ତ ବିଭାଗର ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ହୋଇଥିବା ଡିଜାଇନ୍ ଓ ଆବଶ୍ୟକୀୟ ସଂଶୋଧନ ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଭୁବନେଶ୍ବରର ଭିଡ଼ କମିବା ସହ ଭୁବନେଶ୍ବର-ପୁରୀ ମଧ୍ୟରେ ଯାତାୟାତ ଅବଧି କମିବ ବୋଲି କୁହାଯାଇଛି। ସେହିପରି ଏହି ପ୍ରସ୍ତାବିତ ରାସ୍ତାରେ ଯାତ୍ରୀ ଓ ପର୍ଯ୍ୟଟକଙ୍କ ସୁବିଧା ପାଇଁ ସ୍ଥାନେ ସ୍ଥାନେ ୱେ-ସାଇଡ୍ ଆମିନିଟି ସୁବିଧା କେନ୍ଦ୍ର ରହିବ। ପୁରୀ ଏବଂ ଭୁବନେଶ୍ୱର ବାତ୍ୟାପ୍ରବଣ ଅଞ୍ଚଳ ହୋଇଥିବାରୁ ବିଦ୍ୟୁତ୍, ଟେଲିଫୋନ, ଇଣ୍ଟରନେଟ୍, ପାଣି ଓ ଗ୍ୟାସ୍ ସେବା ପାଇଁ ସ୍ୱତନ୍ତ୍ର ୟୁଟିଲିଟି କରିଡର୍ ନିର୍ମାଣ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଭବିଷ୍ୟତରେ ପୁରୀରେ ନିର୍ମାଣ ହେବାକୁ ଥିବା ବିମାନବନ୍ଦର, ଉପକୂଳ ରାଜପଥ, ଅନ୍ୟାନ୍ୟ ପ୍ରକଳ୍ପ ଏବଂ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ନକ୍ସା ପ୍ରସ୍ତୁତ, ଆବଶ୍ୟକତା ଥିବା ସ୍ଥାନରେ ଏଲିଭେଟେଡ୍ କରିଡର୍, ଫ୍ଲାଏଓଭର ଏବଂ ଭେଇକିଲ୍ ଅଣ୍ଡର ପାସ୍ ନିର୍ମାଣ ପାଇଁ ସର୍ବଶ୍ରେଷ୍ଠ ନକ୍ସା ପ୍ରସ୍ତୁତ ଉପରେ ଶ୍ରୀ ସିଂହ ଗୁରୁତ୍ୱ ଦେଇଥିଲେ। ଏହି ବୈଠକରେ ବିଏମ୍‌ସି କମିସନର ଚଞ୍ଚଳ ରଣା, ପୂର୍ତ୍ତ ବିଭାଗ ସ୍ବତନ୍ତ୍ର ସଚିବ ଏଲ୍. କେ.ପାଢ଼ୀ, ସର୍ବୋଚ୍ଚ ଯନ୍ତ୍ରୀ (ସିଭିଲ୍) ସତ୍ୟବ୍ରତ ବେହେରା, ଯୁଗ୍ମ ସଚିବ ଦୀପ୍ତି ରଞ୍ଜନ ବେହେରା, ଉପସଚିବ ସୁନ୍ଦର ମାଧବ ପାଢ଼ୀ, ମୁଖ୍ୟଯନ୍ତ୍ରୀ (ଏନ୍‌ଏଚ୍) ନାରାୟଣ ପଟେଲଙ୍କ ସମେତ ଜାତୀୟ ରାଜପଥ ପ୍ରାଧିକରଣ, ଟିପିସିଓଡିଏଲ୍, ଜଙ୍ଗଲ ଓ ପରିବେଶ ବିଭାଗ, ୱାଟ୍‌କୋ, ଓପିଟିସିଏଲ ଆଦି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



StorySelling

# ରଜ ରିଲିଜ୍ ବନାମ ସାଧାରଣ ଦିନ: କେଉଁଠି ଅଛି ଓଡ଼ିଆ ସିନେମାର ଅସଲ ଶକ୍ତି?

ଓଡ଼ିଶାର ସଂସ୍କୃତି, ପରମ୍ପରା ଏବଂ ନାରୀତ୍ୱର ଅନନ୍ୟ ପ୍ରତୀକ ହେଉଛି ଆମର ଗଣପର୍ବ 'ରଜ'। ଏହି ସାଂସ୍କୃତିକ ମହୋତ୍ସବ କେବଳ ଘରେ ଘରେ ପିଠାପଣାର ମହକ ଆଣିନଥାଏ, ବରଂ ଓଡ଼ିଆ ସିନେମା ଜଗତ ପାଇଁ ମଧ୍ୟ ଏହା ଏକ ଗୋଲ୍ଡେନ୍ ପିରିୟଡ ବା ବଡ଼ ବ୍ୟବସାୟିକ ସୁଯୋଗ ସୃଷ୍ଟି କରିଥାଏ। ପ୍ରତ୍ୟେକ ବର୍ଷ ଆମ ପ୍ରଯୋଜକ ଏହି ମହିଳା-କେନ୍ଦ୍ରିକ ତଥା ପାରିବାରିକ ପର୍ବକୁ ନିଜର ସିନେମା ମୁକ୍ତିଲାଭ ପାଇଁ ବାଛିଥାନ୍ତି , ଯାହା ବ୍ୟବସାୟିକ ଦୃଷ୍ଟିକୋଣରୁ ଏକ ମାଷ୍ଟରଷ୍ଟ୍ରୋକ୍।

କିନ୍ତୁ ପ୍ରଶ୍ନ ଉଠେ, ସାଧାରଣ ଦିନ ଏବଂ ରଜ ମଧ୍ୟରେ ଓଡ଼ିଆ ସିନେମାର ଅସଲ ଶକ୍ତି କେଉଁଠି ଲୁଚି ରହିଛି? ଯଦି ଆମେ ବକ୍ସ ଅଫିସର ଡାଟା ଉପରେ ନଜର ପକାଇବା, ତେବେ ସାଧାରଣ ଦିନଗୁଡ଼ିକରେ (Non-Raja Releases) ପ୍ରେକ୍ଷାଳୟକୁ କେବଳ ଏକାକୀ ଦର୍ଶକ ବା ଅଳ୍ପ କିଛି ପାରିବାରିକ ଲୋକ ଆସିଥାନ୍ତି। ଏହି ସମୟରେ ପ୍ରତି ବୁକିଂରେ ଆଭରେଜ୍ ଟିକେଟ୍ ସଂଖ୍ୟା ମାତ୍ର ୧ ରୁ ୨ଟି ଭିତରେ ସୀମିତ ଥାଏ। ଫଳରେ ସିନେମା ହଲ୍‌ଗୁଡ଼ିକରେ ମର୍ଣ୍ଣିଂ ଶୋ'ରେ ମାତ୍ର ୨୫% ଏବଂ ସର୍ବାଧିକ ଇଭିନିଂ ଶୋ'ରେ ୪୦% ସିଟ୍ ଭର୍ତ୍ତି ହୋଇଥାଏ, ଯାହା ସାମଗ୍ରିକ ଭାବେ ଦୈନିକ ହାରାହାରି ଅକ୍ୟୁପାନ୍ସିକୁ ମାତ୍ର ୩୧% ରେ ଅଟକାଇଦିଏ।

ମାତ୍ର ରଜ ରିଲିଜ୍ (Raja Releases) ସମୟ ଆସିବା ମାତ୍ରେ ହିଁ ବକ୍ସ ଅଫିସର ଏହି ସାଧାରଣ ଟ୍ରେଣ୍ଡ୍ ସମ୍ପୂର୍ଣ୍ଣ ଭାବେ ବଦଳିଯାଏ। ଏଇଠି ଦେଖିବାକୁ ମିଳେ ଓଡ଼ିଆ ଦର୍ଶକଙ୍କ ଅସଲ ଜାଦୁ, ଯାହାକୁ କୁହାଯାଏ 'The Family Seat Power'। ରଜ ସମୟରେ ପୂରା ପରିବାର, ଅର୍ଥାତ୍ ଜେଜେବାପା-ଜେଜେମା'ଙ୍କ ଠାରୁ ଆରମ୍ଭ କରି ଘରର ମହିଳା ଓ ଛୋଟ ପିଲାମାନେ ସମସ୍ତେ ଏକାଠି ହୋଇ ଆନନ୍ଦ ମନରେ ସିନେମା ହଲ୍‌କୁ ଆସନ୍ତି। ଏହି କାରଣରୁ ହାରାହାରି ଟିକେଟ୍ ବୁକିଂ ମାତ୍ର ୧-୨ରୁ ସିଧାସଳଖ ୪ ରୁ ୮ଟିକୁ ବୃଦ୍ଧି ପାଇଥାଏ ଏବଂ ପ୍ରେକ୍ଷାଳୟଗୁଡ଼ିକରେ ଦେଖିବାକୁ ମିଳେ ଏକ ଜବରଦସ୍ତ 'Full Day Buzz'। ରଜ ପର୍ବର ପ୍ରଭାବ ଏମିତି ଥାଏ ଯେ ସକାଳ ୯ଟାର ପ୍ରଥମ ମର୍ଣ୍ଣିଂ ଶୋ'ରୁ ହିଁ ୭୫% ରୁ ଆରମ୍ଭ କରି ଆଫ୍ଟରନୁନ୍‌ରେ ୯୦%, ପ୍ରାଇମ୍-ଟାଇମ୍ ଇଭିନିଂରେ ୯୫% ଏବଂ ନାଇଟ୍ ଶୋ'ରେ ୮୦% ସିଟ୍ ସଫଳତାର ସହ ବୁକ୍ ହୋଇଯାଏ। ଏହା ସାମଗ୍ରିକ ଦୈନିକ ହାରାହାରିକୁ ୮୫% ର ଏକ ରେକର୍ଡ ସ୍ତରକୁ ପହଞ୍ଚାଇଦିଏ। ଏହି ଉଚ୍ଚ ସଫଳତାର ମୁଖ୍ୟ କାରଣ ହେଉଛି ସ୍କୁଲ-କଲେଜ ବନ୍ଦ ରହିବା, ପାରିବାରିକ ଉତ୍ସବର ମାହୋଲ ବୃଦ୍ଧି ପାଇବା ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓଡ଼ିଆ ଦର୍ଶକଙ୍କ ସହ ଚଳଚ୍ଚିତ୍ରର ଏକ ଗଭୀର ଆବେଗିକ ତଥା ସାଂସ୍କୃତିକ ସଂଯୋଗ (Emotional & Cultural Connect) ରହିବା।

ଇତିହାସ ସାକ୍ଷୀ ଅଛି, ରଜ ସମୟରେ ମୁକ୍ତିଲାଭ କରିଥିବା ପାରିବାରିକ କାହାଣୀ ଆଧାରିତ ମେଗା-ହିଟ୍ ସିନେମାଗୁଡ଼ିକ ବକ୍ସ ଅଫିସର ସମସ୍ତ ପୁରୁଣା ରେକର୍ଡ ଭାଙ୍ଗି ଏକ ନୂଆ ଇତିହାସ ରଚନା କରିଛନ୍ତି। ଯେତେବେଳେ ସୁଦ୍ଧ ମନୋରଞ୍ଜନ ସହିତ ପର୍ବର ପବିତ୍ର ମାହୋଲ ମିଶିଯାଏ, ସେତେବେଳେ ଦର୍ଶକଙ୍କ ମଧ୍ୟରେ 'Repeat Viewings' ବା ବାରମ୍ବାର ସିନେମା ଦେଖିବାର ଏକ କ୍ରେଜ୍ ସୃଷ୍ଟି ହୁଏ। "One family. More tickets. More occupancy. Bigger celebration।" ହି ରଜରେ ଆମେ କେବଳ ଏକ ଚଳଚ୍ଚିତ୍ର ଉପହାର ଦେଉନାହୁଁ, ବରଂ ପ୍ରତିଟି ଓଡ଼ିଆ ପରିବାରକୁ ଏକାଠି ଉତ୍ସବ ପାଳନ କରିବାର ଏକ ସୁନ୍ଦର ଆଳ ଦେଉଛୁ।




# OLD is GOLD! ବକ୍ସ ଅଫିସ୍‌ରେ ପୁରୁଣା ସିନେମାର ରାଜ୍, କେବେ ଜାଗିବ ଓଲିଉଡ୍?




ଓଲିଉଡ୍‌ର ନବେ ଦଶକର ସେହି ସୁବର୍ଣ୍ଣ ଇତିହାସ କଥା ମନେ ପକାନ୍ତୁ....ଯେତେବେଳେ ପ୍ରେକ୍ଷାଳୟ ଆଗରେ ହଜାର ହଜାର ଦର୍ଶକଙ୍କ ଲମ୍ବା ଲାଇନ୍ ଲାଗୁଥିଲା ଏବଂ ଓଡ଼ିଆ ସିନେମା ନିଜର ଶକ୍ତିଶାଳୀ ମୌଳିକ କାହାଣୀ ବଳରେ ବଲିଉଡ୍ କିମ୍ବା ସାଉଥ୍ ଫିଲ୍ମକୁ କଡ଼ା ଚାଲେଞ୍ଜ ଦେଉଥିଲା|ଦିନ ଥିଲା ଯେତେବେଳେ ବେଙ୍ଗଲ୍ କିମ୍ବା ସାଉଥ୍‌ର ସୁପରହିଟ୍ ମୁଭିକୁ ଆମ ଭାଷାରେ ରିମେକ୍ କରାଯାଉଥିଲା, କିନ୍ତୁ ଆଜି ସିନେମା ବ୍ୟବସାୟର ଚିତ୍ର ପୁରାପୁରି ବଦଳିଯାଇଛି। ଏବେ ଭାରତୀୟ ଚଳଚ୍ଚିତ୍ର ଜଗତରେ ଏକ ନୂଆ ବିଜନେସ୍ ଟ୍ରେଣ୍ଡ୍ ଚାଲିଛି, ଯେଉଁଠି ପୁରୁଣା ଆଇକନିକ୍ କ୍ଲାସିକ୍ ଫିଲ୍ମଗୁଡ଼ିକୁ ପୁଣିଥର ଥିଏଟରରେ ରି-ରିଲିଜ୍ (Re-release) ବଡ଼ ରେଭେନ୍ୟୁ ମଡେଲ୍ ସାଜିଛି । ୨୦୨୫ ମସିହା ଭାରତୀୟ ସିନେମା ପାଇଁ 'ଇଅର ଅଫ୍ ରି-ରିଲିଜ୍' ସାବ୍ୟସ୍ତ ହୋଇଛି। ଯେଉଁଠି ପୁରୁଣା ଆଇକନିକ୍ କ୍ଲାସିକ୍ ଫିଲ୍ମଗୁଡ଼ିକୁ ପୁଣିଥରେ ଥିଏଟରରେ ଲଞ୍ଚ କରି ପ୍ରଯୋଜକମାନେ କୋଟି କୋଟି ଟଙ୍କା ଲାଭ ଉଠେଇ ପାରିଛନ୍ତି । ବକ୍ସ ଅଫିସ ରିପୋର୍ଟ ଅନୁଯାୟୀ, ୨୦୨୫ରେ ସଞ୍ଜୟ ଲୀଲା ଭନ୍‌ସାଲୀଙ୍କ ଗ୍ରାଣ୍ଡ ଚଳଚ୍ଚିତ୍ର 'ଦେବଦାସ' ଓ 'ପଦ୍ମାବତ', ଯଶ୍ ଚୋପ୍ରାଙ୍କ ରୋମାଣ୍ଟିକ କ୍ଲାସିକ୍ 'ଦିଲ୍ ତୋ ପାଗଲ୍ ହେଁ' ଏବଂ ଇମତିଆଜ୍ ଅଲୀଙ୍କ ମ୍ୟୁଜିକାଲ୍ ଡ୍ରାମା 'ରକ୍‌ଷ୍ଟାର୍' ଓ 'ଜବ୍ ୱି ମେଟ୍' ପୁଣିଥରେ ବଡ଼ ପରଦାକୁ ଆସି ହଲ୍‌ଗୁଡ଼ିକୁ ହାଉସଫୁଲ୍ କରିଦେଇଥିଲେ। କେବଳ ସେତିକି ନୁହେଁ, 'ସନମ୍ ତେରୀ କସମ୍' ୪୧ କୋଟି, 'ତୁମ୍ବାଡ୍' ୪୦ କୋଟି ଏବଂ ସାଉଥ୍‌ର 'ବାହୁବଳୀ' ୫୧.୭୦ କୋଟିରୁ ଅଧିକ ଆୟ କରି ନୂଆ ନୂଆ ଫିଲ୍ମର ବକ୍ସ ଅଫିସ ରେକର୍ଡ ଭାଙ୍ଗି ଦେଇଛନ୍ତି। ଏପରିକି ବଲିଉଡ୍‌ର ସର୍ବକାଳୀନ ସୁପରହିଟ୍ ଚଳଚ୍ଚିତ୍ର 'ଶୋଲେ'କୁ ମଧ୍ୟ ଏକ 4K ରିଷ୍ଟୋର୍‌ଡ ଫାଇନାଲ୍ କଟ୍ ସହ ପୁଣିଥରେ ପ୍ରେକ୍ଷାଳୟକୁ ଅଣାଯାଇଛି। ଆଜିର 'ଜେନ୍-ଜି' ଏବଂ ସୋସିଆଲ ମିଡିଆ ଯୁବପିଢ଼ିଙ୍କ ଭିତରେ ବଡ଼ ସ୍କ୍ରିନ୍‌ରେ ସେହି ପୁରୁଣା ମ୍ୟାଜିକ୍‌କୁ ପୁଣିଥରେ ଏକ୍ସପିରିଏନ୍ସ କରିବାର କ୍ରେଜ୍ ଏବେ ସ୍କାଏ-ହାଇ। କିନ୍ତୁ ବଡ଼ ପ୍ରଶ୍ନ ହେଉଛି, ଯଦି ବଲିଉଡ୍ ନିଜର ଏହି ଐତିହାସିକ ବ୍ରାଣ୍ଡ ଭାଲ୍ୟୁକୁ ବ୍ୟବହାର କରି କୋଟି କୋଟି ଟଙ୍କାର ବ୍ୟବସାୟ କରୁଛି, ତେବେ ଓଲିଉଡ୍ ନିଜର ଏହି ସୁପର୍ ସଫଳ ନୋଷ୍ଟାଲଜିଆକୁ ଓଟିଟି କିମ୍ବା ଥିଏଟର ମାର୍କେଟ୍‌ରେ ପଛରେ କାହିଁକି ?

ଓଡ଼ିଆ ସିନେମା ଇଣ୍ଡଷ୍ଟ୍ରି ଏବେ ବି ଆଧୁନିକ ରିମାଷ୍ଟରିଂ ଏବଂ ଆଗ୍ରେସିଭ୍ ମାର୍କେଟିଂ ରଣନୀତି ଠାରୁ ବହୁ ଦୂରରେ ଅଛି। ଆମର ଅଧିକାଂଶ ପୁରୁଣା ସିନେମାର ପ୍ରିଣ୍ଟ୍ କିମ୍ବା ସାଉଣ୍ଡ୍ କ୍ୱାଲିଟି ବର୍ତ୍ତମାନର ମଲ୍ଟିପ୍ଲେକ୍ସ ଏବଂ ଡଲ୍‌ବି ସାଉଣ୍ଡ ସିଷ୍ଟମ୍ ପାଇଁ ପ୍ରସ୍ତୁତ ନୁହେଁ। ଯଦି ଟେକ୍ନୋଲୋଜିର ସାହାଯ୍ୟ ନେଇ ଓଡ଼ିଆ ସିନେମାର କିଛି ସୁବର୍ଣ୍ଣ ଅଧ୍ୟାୟକୁ ପୁଣି ଉପସ୍ଥାପନ କରାଯାଏ, ତେବେ ଥିଏଟର ମାଲିକ ଓ ପ୍ରଯୋଜକମାନେ ନିହାତି ପ୍ରଫିଟ୍ ପାଇପାରିବେ। ସିଦ୍ଧାନ୍ତ ଓ ରଚନା ବାନାର୍ଜୀଙ୍କ ସର୍ବକାଳୀନ ମେଗା-ହିଟ୍ 'ଲକ୍ଷ୍ମଣ ରେଖା', ଅନୁଭବ ମହାନ୍ତିଙ୍କ ସୁପର କ୍ଲାସିକ୍ ଆକ୍ସନ-ରୋମାନ୍ସ 'ପ୍ରିୟା ମୋ ପ୍ରିୟା' କିମ୍ବା ପାରିବାରିକ ଆବେଗରେ ଭରା 'ପୁଅ ମୋର କଳା ଠାକୁର' ଭଳି ବ୍ଲକବଷ୍ଟର ଚଳଚ୍ଚିତ୍ରକୁ ଯଦି 4K ଫର୍ମାଟ୍‌ରେ ପୁଣିଥରେ ହଲ୍‌କୁ ଅଣାଯାଏ, ତେବେ ଏହା ଆଜିର ଯୁବ ବର୍ଗଙ୍କୁ ଆକର୍ଷିତ କରିବ ଏବଂ ବକ୍ସ ଅଫିସରେ ସହଜରେ କୋଟିଏରୁ ଅଧିକ ବ୍ୟବସାୟର ନୂଆ ରେକର୍ଡ କରିପାରିବ। ଓଲିଉଡ୍ ନିଜର ଏହି ପୁରୁଣା କଲେକ୍ସନକୁ ଚିହ୍ନି ଓଟିଟି ଏବଂ ଥିଏଟର ମାଧ୍ୟମରେ କମର୍ସିଆଲ୍ ସଫଳତାର ଏକ ନୂଆ ବିପ୍ଳବ ଆଣିବାର ସମୟ ଏବେ ଆସିଯାଇଛି।

Strategies in Stories

# Godrej flaunted 'Made in India'
## much before Modi promoted 'Make in India'

In 1890s, India was being robbed. Not just by thieves, but by the idea that Indians could not make anything good enough. Every lock on every door came with a Victorian seal. Every safe that guarded a family's gold came from offshore.

1900s India was fueled by the domestic market and the Swadeshi movement. People were building just products, but Ardeshir Godrej, a Parsi, whose family had made India their home generations back, believed one thing that set him apart from the rest: "Swadeshi is not a license for mediocrity. Indian products must be chosen because they are superior, not merely because they are Indian."

That spirit led Ardeshir to manufacture surgical equipment. The products were good. But his British counterpart told him to remove "Made in India" from the back of every product. Ardeshir said no and the business collapsed. He lost everything. But Ardeshir's ambition to put "Made in India" in the hands of billions, made him create something unique.

He studied English locks and found what nobody had fixed. A small spring inside that corroded in India's heat and snapped within months. He removed the spring and built it without one. Thieves, weather, even fire couldn't break Godrej locks. Ardeshir also built India's first genuinely




fireproof safe so reliably that even the Queen of England utilized one during her royal tour to India in 1921. Godrej became a brand that Indians believed in.

In 1951, Godrej made the ballot boxes for India's first general election. In 1958, Godrej gave India its first refrigerator that people waited even for 45 days just to get one. Today, the Godrej Group spans consumer goods, real estate, agriculture, appliances, aerospace components, and industrial engineering, generating billions in annual revenue while employing tens of thousands of people worldwide.

What started with just 3,000 rupees and a founder who refused to hide his country's name didn't just grow into a global empire. It permanently reshaped what "Made in India" actually meant.

India in Info-Graphics




Printed & Published by Sibasis Satapathy on behalf of COTOC Improvement Limited. Published at Plot 47, Sector 5, Niladri Vihar, Chandrashekharpur, Bhubaneswar 751021
Phone: +91 8456869769, 06744068848, Mail: biznessbreaking@cotoc.in, biznessbreaking@gmail.com
Printed at Print Tech Offset Pvt. Ltd., F-66, 1 & 2, Technology Corridor, Chandaka Industrial Estate, Sailashree Vihar, Chandrasekharpur, Bhubaneswar, Odisha 751021
Editor: Sibasis Satapathy
ସମ୍ପାଦକ: ଶିବାଶିଷ ଶତପଥି